# भाकृअनुप - राष्ट्रीय चावल अनुसंधान संस्थान

**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

(An ISO 9001: 2015 Certified Institute)

## କୃଷି ସୂଚନା ସେବା (ଧାନ)

### ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ସୂଚିତ କୋଭିଡ୍-୧୯ ର ସମସ୍ତ ନିୟମାବଳୀ ଓ ସାଧାରଣ ସତର୍କତା ବ୍ୟବସ୍ଥା ଅନୁଯାୟୀ କୃଷି କାର୍ଯ୍ୟ କରିବା ପାଇଁ ପରାମର୍ଶ

୨୦୨୧ ମସିହା ମଇ ମାସର ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ବାୟୁମଣ୍ଡଳର ତାପମାତ୍ରା ସାଧାରଣଠାରୁ ଅଧିକ ରହିବ ଓ ଧିରେ ଧିରେ ବଢ଼ିବାର ପୂର୍ବାନୁମାନ ରହିଛି । ଅଧିକ ତାପମାତ୍ରା ସହିତ ମଝିରେ ମଝିରେ କାଳ ବୈଶାଖୀ ବର୍ଷା ଯୋଗୁଁ ବାଦାମୀ ଗୁଣ୍ଡିପୋକ (ବି.ପି.ଏଚ୍) ବା ଚକଡା ପୋକ ଆକ୍ରମଣର ଅଧିକ ସମ୍ଭାବନା ଅଛି । ବାଦାମୀ ଗୁଣ୍ଡିପୋକର ଆର୍ଥିକ ଦେହଳୀ ସୀମାରେଖା ଅର୍ଥାତ୍ ୫-୧୦ ଗୋଟି ପୋକ ପ୍ରତିବୁଦା ଦେଖାଦେଲେ ନିମ୍ନଲିଖିତ ଉପଦେଶଗୁଡିକ ଧ୍ୟାନରେ ରଖନ୍ତୁ । ଧାନ ଗଛର ସୂକ୍ଷ୍ମ ପରିବେଶକୁ ବଦଳାଇବା ଆବଶ୍ୟକ । ଯେପରିକି ଜମିକୁ କିଛିଦିନ ଆର୍ଦ୍ର ଏବଂ କିଛିଦିନ ଶୁଖିଲା କରିବା ଅର୍ଥାତ୍ ଅଧିକ ସମୟ ପର୍ଯ୍ୟନ୍ତ ଜମିରେ ଠିଆପାଣି ରଖନ୍ତୁ ନାହିଁ । ଏହା ସତ୍ତ୍ୱେ ଯଦି ପୋକ ନିୟନ୍ତ୍ରଣ ନହୁଏ ତେବେ ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ଏକର ପିଛା ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦ % ଏସ୍.ସି. ୯୫ ଗ୍ରାମ୍ କିମ୍ବା ଏକର ପିଛା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫୁରାନ୍ ୨୦% ଏସ୍.ଜି. ୮୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ଏକର ପିଛା ଏସିଫେଟ୍ ୭୫% ଏସ୍. ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ବାଦାମୀ ଗୁଣ୍ଡିପୋକ ଲାଗିଥିଲେ କେବଳ ଅନୁମୋଦିତ ଔଷଧ ହିଁ ଉପଯୁକ୍ତ ପରିମାଣର ବ୍ୟବହାର କରନ୍ତୁ ।

- ଯଦି ଗନ୍ଧିପୋକର ଆର୍ଥିକ ଦେହଳୀ ସୀମା ଅର୍ଥାତ୍ ବୁଦାପ୍ରତି ୨ରୁ ଅଧିକ ଗନ୍ଧିପୋକ ଦେଖାଯାଏ ତେବେ ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ ୫ ଡି. ୧୦ କି.ଗ୍ରା. ଗୁଣ୍ଡକୁ ପ୍ରତି ଏକର ସକାଳେ ପବନ ବୋହୁ ନଥିବା ସମୟରେ ପ୍ରୟୋଗ କରନ୍ତୁ ।

- ଯଦି କେଣ୍ଡା କଟା ସଂବାଳୁଆ ଦେଖାଯାଏ ତେବେ କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ପ୍ରତି ଏକର କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରତି ଏକର ସକାଳ ସମୟରେ ଧାନ ଗଛର ମୂଳରେ ସିଞ୍ଚନ କରନ୍ତୁ ।

- ଧାନକୁ ବିହନ ହିସାବରେ ବ୍ୟବହାର କରିବାକୁ ଥିଲେ ବିଲରୁ ମିଶା ଧାନ ଗଛଗୁଡିକୁ ଫୁଲ ଉଡାଇବା ସମୟରେ ଭଲଭାବରେ ଦେଖି ବାଛିଦିଅନ୍ତୁ ।

- ଯେତେବେଳେ ଶତକଡ଼ା ୮୦ ଭାଗ ଧାନ ପାଚଲ ହୋଇଯାଇଥିବ ସେହି ସମୟରେ କାଟନ୍ତୁ । ନଚେତ୍ ଡାଲୁଅ ଧାନରେ ଧାନ ଝଡ଼ିଯିବାର ସମ୍ଭାବନା ଅଧିକ ଥାଏ ।

- ଧାନ ସାଇତି ରଖିବା ପାଇଁ ଶୁଖାଇବା ସମୟରେ ଆର୍ଦ୍ରତା ଶତକଡା ୧୪ ଭାଗ ରହିବା ଦରକାର । ସେଥିପାଇଁ ଭଲ ଖରାରେ ପ୍ରାୟ ୨ ଦିନ ପର୍ଯ୍ୟନ୍ତ ଶୁଖାଇବା ଆବଶ୍ୟକ ।

- ବର୍ଷାଶ୍ରିତ ଖାଲୁଆ ଜମି ଯେଉଁଠାରେ ଧାନ ଛଟାବୁଣା କରାଯାଏ ସେଠାରେ ଖରାଟିଆ ପ୍ରଥମ ଚାଷ କରିଦିଅନ୍ତୁ ।

- ବିଭିନ୍ନ ଖ୍ୟାତିସମ୍ପନ୍ନ ଗବେଷଣା ଅନୁଷ୍ଠାନ, କୃଷି ବିଜ୍ଞାନ କେନ୍ଦ୍ର, ବିଶ୍ୱବିଦ୍ୟାଳୟ କିମ୍ବା କୃଷି ବ୍ଲକ୍ ଅଫିସରୁ ମଧ୍ୟବର୍ତ୍ତୀ ଗଭୀର ଜମିପାଇଁ ଉନ୍ନତ ମାନର ବିହନ ଯଥା ବର୍ଷାଧାନ, ଦୁର୍ଗା, ସି.ଆର.ଧାନ ୫୦୧, ଶାରଳା ଏବଂ ଗାୟତ୍ରୀ ଇତ୍ୟାଦି ବିହନ ବନ୍ଦୋବସ୍ତ କରନ୍ତୁ । ଗଭୀର ଖାଲୁଆ ଜମି ପାଇଁ ଉନ୍ନତମାନର ବିହନ ଯଥା ସି.ଆର.ଧାନ ୫୦୦, ସି.ଆର.ଧାନ ୫୦୨ (ଜୟନ୍ତୀ ଧାନ), ସି.ଆର.ଧାନ ୫୦୩ (ଜଳମଣି), ସି.ଆର.ଧାନ ୫୦୫ ଓ ସି.ଆର.ଧାନ ୫୦୭ (ପ୍ରଶାନ୍ତ) ଇତ୍ୟାଦି ବନ୍ଦୋବସ୍ତ କରନ୍ତୁ ।

- ସେହିପରି ଦ୍ୱିପଜମି ପାଇଁ ସି.ଆର.ଧାନ ୧୦୦ (ସତ୍ୟଭାମା), ସି.ଆର.ଧାନ ୧୦୧ (ଅଙ୍କିତ), ସହଭାଗୀ ଧାନ, ଫାଲଗୁନୀ, ବନ୍ଦନା, ଅଞ୍ଜଳୀ ଓ ଖଣ୍ଡଗିରି ଇତ୍ୟାଦି ଧାନ ବିହନ ଇତ୍ୟାଦି ସଂଗ୍ରହ କରନ୍ତୁ ।

- ସ୍ୱଳ୍ପ ଗଭୀର ବିଶିଷ୍ଟ ଖାଲୁଆ ଜମିରେ ରୋଇବା ପାଇଁ ଉର୍ଦ୍ଦିଷ୍ଟ ଧାନ ବିହନ ଯଥା : ସି.ଆର.ଧାନ ୩୦୭ (ମଉଡମଣି), ସି.ଆର.ଧାନ ୩୦୩, ସି.ଆର.ଧାନ ୩୦୪, ଏମ୍.ଟି.ୟୁ ୧୦୦୧, ଏମ୍.ଟି.ୟୁ ୧୦୧୦, ନବୀନ, ସି.ଆର.ଧାନ ୩୧୦, ସି.ଆର.ଧାନ ୩୧୨, ସି.ଆର.ଧାନ ୩୧୪, ଟି.ଆର.ଆର. ୪୪, ଉନ୍ନତ ଲଲାଟ କିସମ, ସି.ଆର. ଧାନ ୩୦୧, ସି.ଆର.ଧାନ ୮୦୦, ସି.ଆର.ଧାନ ୪୦୪, ସ୍ୱର୍ଣ୍ଣ, ପୂଜା, ସ୍ୱର୍ଣ୍ଣସବ୍ ୧ ଏବଂ ବିପିଟି ୫୨୦୪ ବିହନ ଇତ୍ୟାଦି ଭରସା ଯୋଗ୍ୟ ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, କୃଷି ବ୍ଲକ୍ ଅଫିସରୁ ବନ୍ଦୋବସ୍ତ କରନ୍ତୁ ।

- ଉପକୂଳବର୍ତ୍ତୀ ଲବଣଯୁକ୍ତ ଜମି ନିମିତ୍ତ ଲବଣ ସହଣୀୟ ଧାନ ବିହନ ଯଥା ସି.ଆର.ଧାନ ୪୦୫ (ଲୁଣାସଂଖୀ), ସି.ଆର.ଧାନ ୪୦୩ (ଲୁଣା ସୁବର୍ଣ୍ଣା), ଟି.ଆର.ଆର. ୩୯ ଏବଂ ଲୁଣିଶ୍ରୀ ବିହନର ବନ୍ଦୋବସ୍ତ କରନ୍ତୁ ।

- ଜଳସେଚିତ ମଧ୍ୟମ ଏବଂ ସ୍ୱଳ୍ପ ଗଭୀର ବିଶିଷ୍ଟ ଖାଲୁଆ ଜମିରେ ଶଙ୍କର ଜାତୀୟ ବିହନ ଚାଷ କରିବା ପାଇଁ ଇଚ୍ଛୁକ ଥିବା ଚାଷୀଭାଇମାନେ ଉନ୍ନତମାନର ଟ୍ରୁଥ୍ ଫୁଲ ଲେଭଲ ବିହନ(TL) ଯଥା ଅଜୟ, ରାଜଲକ୍ଷ୍ମୀ, ସି.ଆର.ଧାନ ୭୦୧, କେ.ଆର.ଏଚ୍-୨ ଏବଂ ପି.ଏଚ୍.ବି ୭୧ ବିହନ ବିଭିନ୍ନ ଖ୍ୟାତିସମ୍ପର୍ଣ୍ଣ ବିହନ ସଂସ୍ଥା/ଅନୁଷ୍ଠାନ ନିକଟରୁ ବନ୍ଦୋବସ୍ତ କରନ୍ତୁ ।

- ବନ୍ୟା ପ୍ଲାବିତ ମଧ୍ୟମ ଖାଲୁଆ ଜମିରେ ବନ୍ୟାଜଳ ସହଣୀ କିସମ ଯଥା ସ୍ୱର୍ଣ୍ଣସବ୍ -୧, ରଞ୍ଜିତ୍ ସବ୍-୧, ବାହାଦୁର୍ ସବ୍-୧, ବୀଣାଧାନ-୧୧ ଏବଂ ଶାମ୍ଭା ମସୁରୀ ସବ୍-୧ ଏବଂ ମଧ୍ୟମ ଗହୀରା ଜମିରେ ସି.ଆର୍.-୧୦୦୯ ସବ୍-୧ କିସମ ଲଗାନ୍ତୁ ।

- ମରୁଡି ହେଉଥିବା ଅଞ୍ଚଳରେ ମରୁଡି ସହଣୀ ଶକ୍ତି ଥିବା କିସମ ଯଥା ସହଭାଗୀ ଧାନ, ଡି.ଆର୍.ଆର୍.-୪୨, ଡି.ଆର୍.ଆର୍.-୪୪, ବି.ଆର୍.ଆର୍.ଆଇ ଧାନ-୭୧, ସ୍ୱର୍ଣ୍ଣ ଶ୍ରେୟା ଇତ୍ୟାଦି ବିହନ ବ୍ୟବହାର କରନ୍ତୁ ।

- ଏହି ସମୟରେ କେଣ୍ଡାର ମୂଳରେ ମହିଷା ରୋଗ ହେବାର ସମ୍ଭାବନା ଥାଏ । ଯଦି ଏହାର ଲକ୍ଷଣ ଦେଖାଯାଏ ତେବେ ଏକର ପିଛା ଆଜୋକ୍ସିଷ୍ଟ୍ରୋବିନ୍ ୨୫ ଏସ୍.ସି. ୨୦୦ ମି.ଲି. କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ୪୦୦ ଗ୍ରାମ୍ ୨୦୦ ଲିଟର ପାଣିରେ କିମ୍ବା ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ସହିତ ଟେବୁକୋନାଜୋଲ ୫୦% ୮୦ ଗ୍ରାମ୍ ମିଶାଇ ଏକର ପିଛା ୨୦୦ ଲିଟର ପାଣି ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରନ୍ତୁ କିମ୍ବା ସୁଡୋମୋନାସ୍ଫ୍ଲୁରୋସେନସ୍ ଲିଟରରେ ୫ ମି.ଲି. ଔଷଧ ପ୍ରୟୋଗ କରନ୍ତୁ ।

- ରୁଆ ଧାନ ଚାଷ ହେଉଥିବା ଅଞ୍ଚଳରେ ଧନିଗ୍ର ବିହନ କୌଣସି ବିଶ୍ୱାସନୀୟ ସଂସ୍ଥା ବା ଅନୁଷ୍ଠାନ ରୁ ସଂଗ୍ରହ କରି ନିଅନ୍ତୁ ।

******